# NATIONAL NEWS BULLETIN (ODIA)

## 13th September' 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଭାରତର ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ହେବ ଉଦ୍‌ଯାପିତ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ।

— ଅଧିବେଶନ ପରେ ବିଭିନ୍ନ ଦେଶର ଶୀର୍ଷ ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ ପ୍ରଧାନମନ୍ତ୍ରୀ ।

- ପ୍ରତିନିଧିତ୍ୱ ଏବଂ ନୀତି ନିର୍ଦ୍ଧାରଣରେ ସଂସ୍କାର ମାଧ୍ୟମରେ ସଂସ୍ଥାଗତ ଢାଞ୍ଚା ପରିବର୍ତ୍ତନ ଉପରେ ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ।

- ପଶ୍ଚିମବଙ୍ଗର ଜୁନପୁଟ ତଟବର୍ତ୍ତୀ ଗ୍ରାମରେ ସ୍ଥାପନ ହେବ କ୍ଷେପଣାସ୍ତ୍ର ପରୀକ୍ଷଣ ରେଞ୍ଜ୍ ।

ଏବଂ

- ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ ଫାଇନାଲ୍ ମ୍ୟାଚ୍ ।

# ବ୍ରିକ୍ସ ସମ୍ମିଟ୍ ଡେ-୨

ଭାରତ ଅଧ୍ୟକ୍ଷତାରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀର ଆଜି ହେଉଛି ଦ୍ୱିତୀୟ ତଥା ଅନ୍ତିମ ଦିବସ । ଗତକାଲି ପ୍ରଥମ ଦିବସରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକଦ୍ୱାରା ନୂଆଦିଲ୍ଲୀ ଘୋଷଣାନାମା-୨୦୨୬ ଗୃହୀତ ହୋଇଛି । ଏଥିରେ ଆନ୍ତର୍ଜାତିକ ସମସ୍ୟାଗୁଡ଼ିକର ଆଲୋଚନା, ସହଯୋଗ ଏବଂ କୂଟନୀତି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଛି । ସଦସ୍ୟ ଦେଶଗୁଡ଼ିକର ନେତୃବୃନ୍ଦ ପଶ୍ଚିମ ଏସିଆରେ ଜାରି ରହିଥିବା ପରିସ୍ଥିତି ନେଇ ଚିନ୍ତାବ୍ୟକ୍ତ କରିବା ସହ ଏହା ଯେଭଳି ଅଧିକ ଜଟିଳ ନ ହୁଏ, ସେନେଇ ସର୍ବାଧିକ ସହନଶୀଳତା ଅବଲମ୍ବନ କରିବାକୁ ଆହ୍ୱାନ ଦେଇଛନ୍ତି । ଗତବର୍ଷ ଏପ୍ରିଲ୍ ୨୨ ତାରିଖ ଜମ୍ମୁ-କାଶ୍ମୀରରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହ ସଦସ୍ୟ ଦେଶଗୁଡ଼ିକ ଆତଙ୍କବାଦର ମୁକାବିଲା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବ୍ରିକ୍ସ ସମ୍ମିଳନୀ ଭାରତ ଚତୁର୍ଥ ଥରପାଇଁ ଆୟୋଜନ କରୁଛି ।

ଆଜି ବ୍ରିକ୍ସ ଶିଖର ସମ୍ମିଳନୀର ଦ୍ୱିତୀୟ ଦିନରେ ସଦସ୍ୟ ଦେଶ ଏବଂ ସହଭାଗୀ ଦେଶଗୁଡ଼ିକ ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତାପାଇଁ ନିର୍ମାଣ ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିବେ ।

ଏଥିରେ ଭାରତ ସମେତ ବେଲାରୁଷ, ବୋଲିଭିଆ, କାଜାଖସ୍ତାନ, କ୍ୟୁବା, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜ୍‌ବେକିସ୍ତାନ ଏବଂ ଭିଏତ୍‌ନାମ ଭାଗ ନେବେ । ଅଧିବେଶନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଜାଖସ୍ତାନ, ଫିଲିପାଇନ୍ସ, ଇଜିପ୍ଟ, ଦକ୍ଷିଣ ଆଫ୍ରିକା ଏବଂ ବୁରୁଣ୍ଡିର ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦି ନାଇଜେରିଆ ଏବଂ ଉଗାଣ୍ଡାର ଉପରାଷ୍ଟ୍ରପତିଙ୍କ ସହ ମଧ୍ୟ ବୈଠକ କରିବେ ।

## ପି.ଏମ୍. - ବ୍ରିକ୍ସ ଆଡ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଏବଂ ନୀତି ନିର୍ଦ୍ଧାରଣରେ ସଂସ୍କାର ମାଧ୍ୟମରେ ଅନ୍ତର୍ଜାତୀୟସ୍ତରୀୟ ସଂସ୍ଥାଗତ ଢାଞ୍ଚା ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଉଛନ୍ତି । ପରିବର୍ତ୍ତିତ ବୈଶ୍ୱିକ ପରିସ୍ଥିତିରେ ଏହା ଅତ୍ୟନ୍ତ ଆବଶ୍ୟକ ବୋଲି ଶ୍ରୀ ମୋଦି କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଦୁଇଦିନିଆ ଅଷ୍ଟାଦଶ ବ୍ରିକ୍‌ସ ଶିଖର ସମ୍ମିଳନୀର ପ୍ରଥମ ଦିନରେ ନୂଆଦିଲ୍ଲୀ ଘୋଷଣାପତ୍ର ଗୃହୀତ ହେବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଏହି ଘୋଷଣାପତ୍ର ସଦସ୍ୟ ଦେଶଗୁଡ଼ିକର ସହଭାଗୀ

ସଙ୍କଳ୍ପକୁ ପ୍ରତିପାଦନ କରୁଛି । ଏହାର କାର୍ଯ୍ୟାନ୍ୱୟନ ପ୍ରତ୍ୟେକ ଅଂଶୀଦାର ରାଷ୍ଟ୍ରର ସହଭାଗୀ ଦାୟିତ୍ୱ ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - Delhi Declaration)*** :..........

ବ୍ରିକ୍ସ ସଂଗଠନର ୨୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କଦ୍ୱାରା ଦୁଇଟି ସ୍ମାରକୀ ଡାକଟିକଟ ଉନ୍ମୋଚିତ ହୋଇଛି ।

ସମ୍ମିଳନୀର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧନ କରି ଶ୍ରୀ ମୋଦି' ପ୍ରତିବର୍ଷ ଅଧ୍ୟକ୍ଷତା ପରିବର୍ତ୍ତନସତ୍ତ୍ୱେ ବ୍ରିକ୍ସ ସଦସ୍ୟ ଗୋଷ୍ଠୀର ସଂସ୍ଥାଗତ ଗତିଶୀଳତା ବଜାୟ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଥିପାଇଁ ବ୍ରିକ୍ସ ନିରନ୍ତରତା ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଉପରେ ସେ ପ୍ରସ୍ତାବ ଦେଇଛନ୍ତି । ଆଗାମୀ ୨୦ ବର୍ଷପାଇଁ ନୂତନ ତଥା ମହତ୍ୱାକାଂକ୍ଷୀ ରୂପରେଖ ପ୍ରସ୍ତୁତ ଉପରେ କାର୍ଯ୍ୟ କରିବାକୁ ଶ୍ରୀ ମୋଦି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

ଆହ୍ୱାନ ସମୟରେ ସହାୟତା ବୃଦ୍ଧି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ନାବିକଙ୍କୁ ଜରୁରୀକାଳୀନ ସହାୟତା ପ୍ରଦାନ କରିବାପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାମୁଦ୍ରିକ କର୍ତ୍ତୃପକ୍ଷ ଏବଂ କୂଟନୈତିକ ମିଶନଗୁଡ଼ିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟ କରିବା ଉଚିତ । ବିଶ୍ୱ ବାଣିଜ୍ୟରେ ନାବିକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରକ୍ଷା କରୁଥିବାବେଳେ ସଙ୍କଟ ସମୟରେ

ପ୍ରାୟତଃ ସେମାନେ ସମର୍ଥନର ଅଭାବ ଅନୁଭବ କରନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM - Seafares Bricks)*** :........

## ବ୍ରିକ୍ସ - କଲ୍‌ଚର ପର୍‌ଫର୍ମାନ୍ସ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଗତକାଲି ବ୍ରିକ୍ସ ନେତୃବୃନ୍ଦଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ ଆୟୋଜିତ ରାତ୍ରିଭୋଜରେ ନବରସ-ଦ ୟୁନିଭର୍ସ ଅଫ୍ ସେୟାର୍ଡ଼ ଇମୋସନ୍ସ ଶୀର୍ଷକ ସ୍ୱତନ୍ତ୍ର ସାଂସ୍କୃତିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ଏଥିରେ ବ୍ରିକ୍ସ ସିମ୍ଫୋନୀ - ୱ୍ୱନ ରିଦିମ୍, ମେନି କଲ୍‌ଚର୍ସ ମାଧ୍ୟମରେ ବ୍ରିକ୍ସ ସଦସ୍ୟ ଓ ଅଂଶୀଦାର ରାଷ୍ଟ୍ରଗୁଡ଼ିକର ସଙ୍ଗୀତଜ୍ଞମାନେ ସଙ୍ଗୀତ ପରିବେଷଣ କରିଥିଲେ ।

ବ୍ରିକ୍ସ ଦେଶଗୁଡ଼ିକର ବିଭିନ୍ନ ବାଦ୍ୟଯନ୍ତ୍ର ଓ ସଙ୍ଗୀତ ପରମ୍ପରା ସହ ଭାରତର ଶାସ୍ତ୍ରୀୟ ନୃତ୍ୟ ପରମ୍ପରାର ମିଳିତ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ଏଥିରେ ବିଭିନ୍ନ ଦେଶର ବିବିଧତା, ସାଂସ୍କୃତିକ ସମୃଦ୍ଧି ଓ ଏକତା ପ୍ରଦର୍ଶିତ ହୋଇଥିଲା ।

## ଡବ୍ଲ୍ୟୁ.ବି. ମିଶାଇଲ୍ ଟେଷ୍ଟ ରେଞ୍ଜ୍

ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲାର ଜୁନୁପୁଟ ତଟବର୍ତ୍ତୀ ଗ୍ରାମରେ ଅସ୍ତ୍ରଶସ୍ତ୍ର ଏବଂ କ୍ଷେପଣାସ୍ତ୍ର ପରୀକ୍ଷଣ ରେଞ୍ଜ୍ ସ୍ଥାପନ କରାଯିବ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଡି.ଆର୍.ଡି.ଓ.ର ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଶ୍ରୀ ଅଧିକାରୀ କହିଛନ୍ତି, ପଶ୍ଚିମବଙ୍ଗର ବିକାଶ ଦିଗରେ ଏହି ପ୍ରକଳ୍ପ ସହାୟକ ହେବ । ଓଡ଼ିଶାର ଚାନ୍ଦିପୁର ଏବଂ ଆନ୍ଧ୍ରପ୍ରଦେଶର ପ୍ରସ୍ତାବିତ ପରୀକ୍ଷଣ କେନ୍ଦ୍ର ପରେ ଜୁନପୁଟ୍‌ଠାରେ ଏହା ତୃତୀୟ ପରୀକ୍ଷଣ କେନ୍ଦ୍ର ହେବ । ଚାନ୍ଦିପୁରଠାରେ ୨ଟି ଉତ୍‌କ୍ଷେପଣ ସ୍ଥାନ ରହିଥିବାବେଳେ ବଙ୍ଗୋପସାଗରର ୭୦ କିଲୋମିଟର ଦୂରରେ ପ୍ରସ୍ତାବିତ ଜୁନପୁଟ ପରୀକ୍ଷଣ କେନ୍ଦ୍ର ରହିଛି ।

## ଶାହା – ମୁମ୍ବାଇ ଭିଜିଟ୍

ମୁମ୍ବାଇ ଗସ୍ତର ଆଜି ଦ୍ୱିତୀୟ ଦିନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏସିଆଟିକ୍ ସୋସାଇଟି ଅଫ୍ ମୁମ୍ବାଇ ପରିଦର୍ଶନ କରିବା ସହ ଷଷ୍ଠ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀରେ ଯୋଗଦେବେ । ଏସିଆଟିକ୍ ସୋସାଇଟି

ଅଫ୍ ମୁମ୍ବାଇରେ ଶ୍ରୀ ଶାହା ଆଜି 'ଶ୍ରୀଗଣେଶ ଧ୍ୟାନାରତି' ଶୀର୍ଷକ ପାଣ୍ଡୁଲିପିର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିବେ । ଏଥିସହିତ ଶ୍ରୀ ଶାହା ପୁସ୍ତକାଳୟ ପରିଦର୍ଶନ କରି ପାଣ୍ଡୁଲିପି ସଂରକ୍ଷଣ ପ୍ରୟୋଗଶାଳାର କାର୍ଯ୍ୟ ନିରୀକ୍ଷଣ କରିବେ । ଏହି ଅବସରରେ ଶ୍ରୀ ଶାହା ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଆଜି ମଧ୍ୟ ସେ ବାନ୍ଦ୍ରା ରତ୍ନ ଏବଂ ଆଭୂଷଣ ରପ୍ତାନୀ ପରିଷଦର ପୁରସ୍କାର ପ୍ରଦାନ ସମାରୋହରେ ଯୋଗଦେବେ । ଆସନ୍ତାକାଲି ମୁମ୍ବାଇ ଗସ୍ତର ତୃତୀୟ ଦିନରେ ମନ୍ତ୍ରୀ ଶ୍ରୀ ଶାହା ସିଡ୍‌କୋ ପ୍ରଦର୍ଶନୀ କେନ୍ଦ୍ରରେ କେନ୍ଦ୍ରୀୟ ରାଜଭାଷା ସମ୍ମିଳନୀରେ ଯୋଗଦେବା ସହ ଲାଲବାଗ୍‌ଚା ରାଜାଙ୍କ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ନେପାଳ ଫ୍ଲଡ୍ ଟୋଲ୍

ନେପାଳ ବନ୍ୟାରେ ମୃତ୍ୟୁସଂଖ୍ୟା ୧ ହଜାର ୩୮୬କୁ ବୃଦ୍ଧି ପାଇଛି । ୮ଟି ପ୍ରଭାବିତ ଜିଲ୍ଲାରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି । ଗତମାସ ୨୬ ତାରିଖରେ ନେପାଳ-ତିବ୍ବତ ସୀମାବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ନେପାଳର ଅନେକଗୁଡ଼ିଏ ଗାଁ ଏବଂ ସହର କ୍ଷତିଗ୍ରସ୍ତ ହୋଇଥିଲା । ନେପାଳର ଜାତୀୟ ବିପର୍ଯ୍ୟୟ ହ୍ରାସ ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଉଦ୍ଧାର ହୋଇଥିବା

ମୃତଦେହଗୁଡ଼ିକ ମଧ୍ୟରୁ ୧୦୪ଟିକୁ ଚିହ୍ନଟ କରାଯାଇ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏପର୍ଯ୍ୟନ୍ତ ୫ ହଜାର ୧୩୦ ଜଣ ନିଖୋଜ ଥିବା ଜଣାପଡ଼ିଛି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସୁରକ୍ଷାବଳ ସମେତ ବିଭିନ୍ନ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକଦ୍ୱାରା ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୧୩ ହଜାର ୭ ଶହରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିବାବେଳେ ୩ ଶହ ଅଣଚାଳିଶ ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ରାସୁଆ, ନୂଆକୋଟ ଏବଂ ଧାଡ଼ିଂ ଜିଲ୍ଲାର ଅସ୍ଥାୟୀ ଆଶ୍ରୟସ୍ଥଳୀରେ ୩ ହଜାର ୭ ଶହରୁ ଅଧିକ ଲୋକଙ୍କୁ ରଖାଯାଇଥିବା ସୂଚନା ମିଳିଛି ।

## ଇରାକ-ସାଉଦି-ଫିଲିପାଇନ୍ସ-ହୁଥୀ

ଇରାକ' ମେସାନ ଅଞ୍ଚଳରେ ସେନା ଅଭିଯାନର କମାଣ୍ଡରଙ୍କୁ ପଦଚ୍ୟୁତ କରିଛି । ଇରାନ ସହ ସଂଲଗ୍ନ ସଲାମଚେହ ସୀମା ପୋଷ୍ଟକୁ ମଧ୍ୟ ଅସ୍ଥାୟୀ ଭାବେ ବନ୍ଦ କରିବା ଲାଗି ଇରାକ୍ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସାଉଦି ଆରବର ଇଷ୍ଟ-ୱେଷ୍ଟ ପାଇପ୍‌ଲାଇନ୍ ଉପରେ ଡ୍ରୋନ୍ ଆକ୍ରମଣ ନେଇ ଯାଞ୍ଚ୍ ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବରୁ ଏହି ପାଇପ୍‌ଲାଇନ୍ ଉପରେ ଇରାକ ଡ୍ରୋନ୍ ଆକ୍ରମଣ କରିଥିବା ନେଇ ସାଉଦି

ଆରବ ଅଭିଯୋଗ କରିଥିବାବେଳେ କୌଣସି ପଦକ୍ଷେପ ନ ନେଇ ସାଉଦି ଆରବ ଇରାକ୍ ସରକାରଙ୍କ ଆକ୍ରମଣକୁ ସମର୍ଥନ କରିବା ଲାଗି ନିଷ୍ପତ୍ତି ନେଇଥିଲା ।

ଅନ୍ୟପକ୍ଷରେ ୟେମେନ୍‌ରେ ହୁଥୀ ବିଦ୍ରୋହୀମାନେ ଦାବି କରିଛନ୍ତି, ସାଉଦି ଆରବ ଗତ ୪୮ ଘଣ୍ଟା ମଧ୍ୟରେ ୟେମେନ୍‌ରେ ୧୦୦ରୁ ଅଧିକ ଥର ଆକ୍ରମଣ କରିଛି ।

ତେବେ କୂଟନୈତିକ ସ୍ତରରେ ଆଲୋଚନାପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି । ନୂଆଦିଲ୍ଲୀରେ ଚାଲିଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଆବୁଧାବିର ଯୁବରାଜ ଶେଖ ଖାଲିଫ୍ ବିନ୍ ମହମ୍ମଦ ବିନ୍ ଜାୟଦ ଅଲ୍ ନାହ୍ୟାନ୍’ ଇରାନ୍ ରାଷ୍ଟ୍ରପତି ଡକ୍ଟର ମାସୁଦ୍ ପେଜେସ୍କିଆନ୍‌ଙ୍କ ସହ ସାକ୍ଷାତ୍ କରିଛନ୍ତି । ଉଭୟ ନେତା ଉତ୍ତେଜନା ହ୍ରାସ କରିବା, ଶାନ୍ତିସ୍ଥାପନ ଓ ଆଞ୍ଚଳିକ ସ୍ଥିରତା ଦୃଢ଼ କରିବା ନେଇ ଉଦ୍ୟମର ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି ।

## କ୍ରିକେଟ୍ - ଟିଦ୍ୱେଣ୍ଟି ଏସିଆ କପ୍

ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍ ଫାଇନାଲ୍‌ରେ ଆଜି ସନ୍ଧ୍ୟାରେ ଦୁବାଇରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଭାରତୀୟ ସମୟ ସନ୍ଧ୍ୟା ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ୭ ଥରର ଚାମ୍ପିୟନ୍ ଭାରତ ଗ୍ରୁପ୍-ଏ'ର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳ ଭାବେ ସମସ୍ତ ମ୍ୟାଚ୍‌ରେ ବିଜୟ ହାସଲ କରି ଫାଇନାଲ୍‌ରେ ପହଞ୍ଚିଛି । ମହିଳା ଏସିଆ କପ୍ କ୍ରିକେଟ୍ ଇତିହାସରେ ଭାରତ ୭ ଥର ଟାଇଟଲ୍ ଜିତିଥିବାବେଳେ ୨୦୨୪ରେ ଶ୍ରୀଲଙ୍କା ଭାରତକୁ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା ।

## ଟେନିସ

ଚଳିତ ବର୍ଷର ଟେନିସ୍ ଟୁର୍ଣ୍ଣାମେଣ୍ଟ ୟୁ.ଏସ୍. ଓପନ୍ ପୁରୁଷ ସିଙ୍ଗଲ୍‌ସ ଫାଇନାଲ୍ ମ୍ୟାଚ୍ ଟପ୍ ସିଡ୍ ଆଲେକ୍‌ଜାଣ୍ଡର ଜେଭ୍‌ରେଭ୍ ଓ ଅଷ୍ଟମ ସିଡ୍ ଆମେରିକାର ବେନ୍ ସେଲ୍‌ଟନ୍ ଆଜି ଟାଇଟଲ୍ ହାସଲ ପାଇଁ ଖେଳିବେ । ସେହିଭଳି ନ୍ୟୁୟର୍କର ଆର୍ଥର୍ ଆସେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ୟୁ.ଏସ୍. ଓପନ୍ ମହିଳା ସିଙ୍ଗଲ୍‌ସ ଫାଇନାଲ୍ ମ୍ୟାଚ୍‌ରେ ଏଲିନା ରିବାକିନା' ଆରିନା ସବାଲେଙ୍କାଙ୍କୁ ୬-୪, ୫-୭ ଓ ୫-୨ରେ ପରାସ୍ତ କରିଛନ୍ତି । ଏହା ରିବାକିନାଙ୍କ ପ୍ରଥମ ୟୁ.ଏସ୍. ଓପନ୍ ଟାଇଟଲ୍ ହୋଇଥିବାବେଳେ ତୃତୀୟ ଗ୍ରାଣ୍ଡସ୍ଲାମ୍ ଚାମ୍ପିୟନ୍‌ସିପ ।

## କ୍ରିକେଟ୍ - ଇଣ୍ଡିଆ-ଆଫଗାନିସ୍ତାନ-ଟି.ଟ୍ୱେଣ୍ଟି

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳାର ଆଜି ପ୍ରଥମ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଓ ଶେଷ ମ୍ୟାଚ୍ ଆସନ୍ତା ଗୁରୁବାର ଦିନ ସେହି ସମୟରେ ସେହି ଷ୍ଟାଡିୟମ୍‌ରେ ଖେଳାଯିବ । ଭାରତୀୟ ଟି-ଟ୍ୱେଣ୍ଟି ଦଳର ଅଧିନାୟକଭାବେ ଶ୍ରେୟସ୍ ଆୟାର୍ ପ୍ରତିନିଧିତ୍ୱ କରୁଥିବାବେଳେ ତିଲକ ଶର୍ମା ଉପଅଧିନାୟକ ଭାବେ ଦାୟିତ୍ୱ ତୁଲାଇବେ । ଦଳରେ ଯଶପ୍ରିତ ବୁମ୍‌ରାହ୍, ଅର୍ଶଦୀପ ସିଂହ ଏବଂ ଯଶ୍ ଠାକୁରଙ୍କୁ ସାମିଲ୍ କରାଯାଇଛି । ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ସୁସ୍ଥ ହେବା ପରେ ଦଳରେ ସମିଲ୍ କରାଯାଇଛି ।

## ଆଇ.ଏମ୍.ଡି. ପାଣିପାଗ

ପାଣିପାଗ ବିଭାଗ ଗୁଜରାଟ ସମେତ ମଧ୍ୟପ୍ରଦେଶ, ସୌରାଷ୍ଟ୍ର ଏବଂ କଚ୍ଛ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛି । ଏହାବ୍ୟତୀତ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ହରିୟାଣା, ପଞ୍ଜାବ,

ଚଣ୍ଡୀଗଡ଼, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ସିକ୍କିମ୍ ଏବଂ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ଏହି ସମୟ ମଧ୍ୟରେ କେତେକ ଅଞ୍ଚଳରେ ବଜ୍ରପାତ ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

*****